

୯ମ ବର୍ଷ ● ୪ର୍ଥ ସଂଖ୍ୟା ● ଡିସେମ୍ବର ୨୦୧୯

**ତୁମ ମତ:** ବିଦ୍ୟାଳୟରେ ଗୀତା ପାଠ କରାଯିବାର ଆବଶ୍ୟକତା ଅଛି କି ?
**ଓଡ଼ିଆ ଭାଗବତ କଥା:** ଅବତାର ମାହାତ୍ମ୍ୟ
**ସ୍ମରଣୀୟ ସ୍ରଷ୍ଟା ଓ ତାଙ୍କର ସୃଷ୍ଟି:** ଜଗନ୍ନାଥ ମହାନ୍ତିଙ୍କ 'ତୁମ ପରି ଛୋଟ ପିଲାଟିଏ'
**ସ୍ମରଣୀୟ ରାଜନେତା:** ଅଟଳ ବିହାରୀ ବାଜପେୟୀ
**ବିଜ୍ଞାନ କଥା:** ପୃଥିବୀ ବାହାରେ ଗ୍ରହ ଅନୁସନ୍ଧାନ ଓ ନୋବେଲ ପୁରସ୍କାର
**ଗପ:** ଜିଙ୍ଗଲ୍ ବେଲ୍ସ, ଦୁଇ ଜାତି-ଦୁଇ ସାଥୀ, ମନୋନୟନ ଓ ନଈ କୂଳରେ ନାରଦ।
**କବିତା:** ଆସିଲାରେ ଶୀତ ଆସିଲା, ଆସ ଯିବା ଚିଡ଼ିଆଖାନା,...
**ଏଥିସହିତ କୁନିକୁନାଙ୍କ ପାଠଶାଳା, କବିତା ଧନ୍ଦା, ଖବର ଓ ଆହୁରି ଅନେକ ବିଭାଗ।**

## ତୁମ ମତ:
ବିଦ୍ୟାଳୟରେ ଗୀତା ପାଠ କରାଯିବାର ଆବଶ୍ୟକତା ଅଛି କି ? ଏହି ବିଷୟରେ ନିଜନିଜର ମତ ରଖିଛନ୍ତି ଆମ କୁନାକୁନିମାନେ।

## ଓଡ଼ିଆ ଭାଗବତ କଥା: ଅବତାର ମାହାତ୍ମ୍ୟ
**ଲେଖିକା: ଡ. ଇତି ସାମନ୍ତ**
ଘରେ ଘରେ ପରିଚିତ ମହାପୁରୁଷ ଅତିବଡ଼ି ଜଗନ୍ନାଥ ଦାସଙ୍କ ପ୍ରସିଦ୍ଧ ଓଡ଼ିଆ ଭାଗବତର କଥାକୁ ଅତି ସହଜ ସରଳ ଭାବେ ପିଲାମାନେ ବୁଝିପାରିଲା ଭଳି ଲେଖିଛନ୍ତି ସମ୍ପାଦିକା ଡ. ଇତି ସାମନ୍ତ। ଓଡ଼ିଆ ଭାଗବତର ଉପାଦେୟ କଥାକୁ ପିଲାଙ୍କ ପାଇଁ ଅତି ଚମତ୍କାର ଭାବେ ଉପସ୍ଥାପନା କରାଯାଇଛି। ଏହି ଭାଗରେ ଭାଗବତର ପ୍ରଥମ ସ୍କନ୍ଦର ତୃତୀୟ ଅଧ୍ୟାୟ ବର୍ଣ୍ଣନା କରାଯାଇଛି। ଏଥର ଏଥିରେ ରହିଛି ଭଗବାନ ବିଷ୍ଣୁଙ୍କର ବିଭିନ୍ନ ଅବତାର ଓ ସୃଷ୍ଟିର ଉତ୍ପତ୍ତି ସମ୍ପର୍କରେ।

## ସ୍ମରଣୀୟ ସ୍ରଷ୍ଟା ଓ ତାଙ୍କର ସୃଷ୍ଟି
ଏହି ସ୍ତମ୍ଭରେ ବିଶିଷ୍ଟ ଶିଶୁ ସାହିତ୍ୟିକ ଜଗନ୍ନାଥ ମହାନ୍ତିଙ୍କର ପରିଚୟ ସହିତ ତାଙ୍କ ରଚିତ ଓଡ଼ିଶାର ଗୌରବ ବାରିଷ୍ଟର ମଧୁସୂଦନ ଦାସ (ମଧୁବାବୁ)ଙ୍କ ପିଲାଦିନର ଏକ ଘଟଣାକୁ ନେଇ ପ୍ରସିଦ୍ଧ କବିତା 'ତୁମ ପରି ଛୋଟ ପିଲାଟିଏ' ସ୍ଥାନିତ ହୋଇଛି।

## ସ୍ମରଣୀୟ ରାଜନେତା: ଅଟଳ ବିହାରୀ ବାଜପେୟୀ
**ଲେଖକ: ଅମିତାଭ ଖିଲାର**
ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ବିଷୟରେ ପିଲାମାନେ ଜାଣିବା ଭଳି ଶିକ୍ଷଣୀୟ ଲେଖାଟିଏ।

## ବିଜ୍ଞାନ କଥା: ପୃଥିବୀ ବାହାରେ ଗ୍ରହ ଅନୁସନ୍ଧାନ ଓ ନୋବେଲ ପୁରସ୍କାର
**ଲେଖକ: କମଳାକାନ୍ତ ଜେନା**
୨୦୧୯ ମସିହା ପାଇଁ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପାଇଁ ମନୋନୀତ ହୋଇଥିବା ତିନିଜଣ ବିଶିଷ୍ଟ ବୈଜ୍ଞାନିକ ଓ ସେମାନଙ୍କର ଗବେଷଣା ସମ୍ପର୍କରେ ସମସ୍ତେ ଜାଣିବା ଭଳିଆ ଉପଯୋଗୀ ଲେଖାଟିଏ।

## ଗପ: ଜିଙ୍ଗଲ୍ ବେଲ୍ସ
**ଲେଖିକା: ଅମ୍ରିତା ମହାନ୍ତି**
ବଡ଼ଦିନକୁ ନେଇ ପିଲାଙ୍କ ପାଇଁ ଜାଣିବା ଭଳି ଲେଖାଟିଏ। ଯାହା କି ଏଥର ପ୍ରଚ୍ଛଦ ଚିତ୍ରରେ ରୂପାୟିତ ହୋଇଛି।

## ଗପ: ଦୁଇ ଜାତି-ଦୁଇ ସାଥୀ
**ଲେଖକ: ନିରଞ୍ଜନ ପତି**
କୁମ୍ଭୀର ଓ କଇଁଛକୁ ନେଇ ପିଲାଙ୍କ ପାଇଁ ସୁନ୍ଦର କାହାଣୀଟିଏ।

## ଗପ: ମନୋନୟନ
**ଲେଖିକା: ରଶ୍ମିରେଖା ତ୍ରିପାଠୀ**
ପୂର୍ବକାଳର ଗୁରୁକୂଳ ଆଶ୍ରମର ବିଦ୍ୟା ଶିକ୍ଷା ଓ ବିଦ୍ୟାର୍ଥୀମାନଙ୍କୁ ଅଭିନବ ଉପାୟରେ ପରୀକ୍ଷା ପଦ୍ଧତିକୁ ନେଇ ନୀତିଶିକ୍ଷାମୂଳକ ଗପଟିଏ।

**ଗପ: ନଈ କୂଳରେ ନାରଦ**
**ଲେଖକ: କାଳିକିଙ୍କର**
ନିଷ୍ଠା ଓ ଶ୍ରଦ୍ଧାରେ କରିଥିବା ଯେକୌଣସି କାମ ଓ ପ୍ରାର୍ଥନା କଦାପି ବିଫଳ ହୁଏନାହିଁ; ଏହି କଥାକୁ ନେଇ ପିଲାଙ୍କ ନିମନ୍ତେ ଏକ କାଳ୍ପନିକ କାହାଣୀ।

**କବିତା: ଆସିଲାରେ ଶୀତ ଆସିଲା**
**ଲେଖକ: ଦେବେନ୍ଦ୍ର ଚୌଧୁରୀ**
ଶୀତ ଋତୁକୁ ନେଇ ପିଲାଙ୍କ ନିମନ୍ତେ ଏକ ଚମତ୍କାର କବିତା।

**କବିତା: ଆସ ଯିବା ଚିଡ଼ିଆଖାନା**
**ଲେଖିକା: ମନୋରମା ମିଶ୍ର**
ନନ୍ଦନ କାନନକୁ ନେଇ ପିଲାଙ୍କ ପାଇଁ ଏକ ମଜା କବିତା।

**କବିତା: ଭିତର କନିକା**
**ଲେଖକ: ପ୍ରଶାନ୍ତ କୁମାର ସାହୁ**
ଭିତର କନିକାର ପ୍ରାକୃତିକ ଶୋଭାକୁ ନେଇ ସୁନ୍ଦର କବିତା।

**କବିତା: ବହି ନୁହେଁ ମୁଁ ସାଥୀଟିଏ**
**ଲେଖକ: ସନାତନ ପଣ୍ଡା**
କବିତାଟିରେ ବହିର ଉପାଦେୟତା ବିଷୟରେ ବର୍ଣ୍ଣନା କରାଯାଇଛି।

**କବିତା: ସାପ**
**ଲେଖକ: ସୁବାସ କୁମାର ସିଂହ**
'ସାପ'ର ଚରିତ୍ରକୁ ନେଇ କବିତାଟି ରଚନା କରାଯାଇଛି। ସାପ କାମୁଡ଼ାକୁ ନେଇ ଲୋକଙ୍କ ଭିତରେ ରହିଥିବା ଅନ୍ଧବିଶ୍ୱାସକୁ ଦୂର କରିବା ନିମନ୍ତେ କବିତାଟିରେ ଉପଦେଶାତ୍ମକ ବର୍ଣ୍ଣନା ରହିଛି।

**ଏସବୁ ବ୍ୟତୀତ ନିୟମିତ ବିଭାଗ ସ୍ଥାନିତ ହୋଇଛି :**
**ରାଜ୍ୟ ଖବର:**
କିସ୍‌କୁ ୧୧ଲକ୍ଷ ଟଙ୍କା ଦାନ କଲେ ଅମିତାଭ ବଚ୍ଚନ, ସବୁ ଜିଲ୍ଲାରେ ସାଇନ୍ସ ପାର୍କ, କୁନି ଚିତ୍ରକର ଓ ଇଟାଲିୟନ ଗୋଲଡେନ ସ୍ୟାଣ୍ଡ ଆର୍ଟ ଆୱାର୍ଡ।
**ତୁମ ପାଇଁ ଖବର:**
କିଟ୍‌କୁ ମିଳିଲା ଆନ୍ତର୍ଜାତିକ ଆଇଏସ୍‌ଏଏସ୍ ବ୍ୟାଜ, ସଂକଟରେ ପୃଥିବୀ, ବିଶ୍ୱର ସବୁଠୁ ସୁନ୍ଦର ସହର ଉବୁଟୁବୁ, ଆରୋନେଟିକ୍ ଇଞ୍ଜିନିୟର: ବୟସ ମାତ୍ର ୧୭, କୌନ ବନେଗା କରୋଡ଼ପତିରେ ଅଚ୍ୟୁତ ସାମନ୍ତ, 'ଆଇରନ୍ ମ୍ୟାନ' ସୁଟ୍ ଓ ବାନ୍ଧିବେ ପଗଡ଼ି ପିନ୍ଧିବେ ଜୋତା।
**ଚଳଚ୍ଚିତ୍ର ଖବର:**
କିଏ ହେବ ମୋ ହିରୋଇନ୍, ତୁଳସୀ ଅପା, ସ୍ୱପ୍ନଟିଏ- ଏ ଡ୍ରିମ, ଦବଙ୍ଗ-୩, ତଖତ୍ ଓ ସଡକ-୨।
**ଖେଳ ଖବର:**
ଡିସେମ୍ବର ୨୨ରେ ବାରବାଟୀରେ ଦିନିକିଆ, ମହିଳା କ୍ରିକେଟ୍ ଦଳର ସିରିଜ୍ ବିଜୟ ଓ ଓଡ଼ିଶାରେ ଫୁଟ୍‌ବଲ ଖେଳର ବିକାଶ।
**ନିୟମିତ ବିଭାଗରେ ସ୍ଥାନିତ ହୋଇଛି ଯଥା :**
**କେଦାର ପୃଷ୍ଟିଙ୍କ ପ୍ରସ୍ତୁତି 'କୁନିକୁନାଙ୍କ ପାଠାଶାଳା-୬୯', ଅନନ୍ତ ପ୍ରଧାନଙ୍କ ରଚିତ 'କବିତା-ଧନ୍ଦା' ଓ ଅନ୍ୟାନ୍ୟ ଅନେକ ବିଭାଗ, ଯଥା: ଚିହ୍ନିଲ କିଏ? କିଏ ଅଲଗା?, ବାଟ ବତାଅ, ଜାଣିଛ କି?, ପାର୍ଥକ୍ୟ ଖୋଜ, ଶବ୍ଦ-ଧନ୍ଦା, ତୁମ ତୂଳୀରୁ ଓ ରଙ୍ଗଦିଅ ଇତ୍ୟାଦି।**

■■■